# NATIONAL NEWS BULLETIN (ODIA)

**20 May- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଦେଶବ୍ୟାପୀ ଆରମ୍ଭ ହେବାକୁ ଥିବା ବିକଶିତ କୃଷି ସଂକଳ୍ପ ଅଭିଯାନରେ ସକ୍ରିୟ ଅଂଶଗ୍ରହଣ ପାଇଁ କେନ୍ଦ୍ର କୃଷିମନ୍ତ୍ରୀଙ୍କ ଆହ୍ୱାନ ।

- ୨୦୨୫ ଓ୍ୱାକ୍ଫ ସଂଶୋଧନ ଉପରେ ଆଗତ ମାମଲାର ଆଜି ଶୁଣାଣି କରିବେ ସୁପ୍ରିମକୋର୍ଟ ।

- ଆତଙ୍କବାଦ ବିରୋଧରେ ଭାରତର ପ୍ରତିବଦ୍ଧତା ସମ୍ପର୍କରେ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀକୁ ଆଜି ସୂଚନା ଦେବେ ବୈଦେଶିକ ସଚିବ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ଚେନ୍ନାଇ ସୁପରକିଙ୍ଗସ୍ ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟରେ ହେବ ମୁକାବିଲା ।

## ଶିବରାଜ – ଭିସି କନ୍‌ଫରେନ୍ସ

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ବିକଶିତ କୃଷି ସଂକଳ୍ପ ଅଭିଯାନରେ ସକ୍ରିୟଭାବେ ଯୋଗଦାନ ଲାଗି ସମସ୍ତ କୁଳପତି, ପ୍ରଫେସର ଏବଂ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ଚଳିତମାସ ୨୯ ତାରିଖରୁ ବିକଶିତ କୃଷି ସଂକଳ୍ପ ଅଭିଯାନ ଦେଶବ୍ୟାପୀ ଆରମ୍ଭ ହେବ । ଆଜି ନୂଆଦିଲ୍ଲୀସ୍ଥିତ ଭାରତୀୟ କୃଷି ଅନୁସନ୍ଧାନ

ପରିଷଦରେ ହେଉଥିବା କୃଷି ବିଶ୍ୱବିଦ୍ୟାଳୟ ଗୁଡ଼ିକର କୁଳପତିମାନଙ୍କୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ଚୌହ୍ୱାନ କହିଛନ୍ତି ସରକାର ଏହି ଅଭିଯାନ ମାଧ୍ୟମରେ କୃଷକମାନଙ୍କୁ କୃଷି କ୍ଷେତ୍ରରେ ବୈଜ୍ଞାନିକ ଉପାୟ ଗୁଡ଼ିକର ବ୍ୟବହାର ନେଇ ସଚେତନ କରିବାକୁ ଲକ୍ଷ୍ୟ ରଖିଛନ୍ତି । ସେ କହିଛନ୍ତି କୃଷକ ଏବଂ ସେମାନଙ୍କ ଆବଶ୍ୟକତାକୁ ନେଇ ଗବେଷଣା କେନ୍ଦ୍ରୀତ ହେବା ଆବଶ୍ୟକ । ଉତ୍ପାଦନ ବୃଦ୍ଧି, ଉତ୍ପାଦନ ମୂଲ୍ୟ ହ୍ରାସ, ବହୁମୁଖୀ ଚାଷ ଏବଂ ପୋଷଣୀୟ କୃଷି କ୍ଷେତ୍ରରେ ଅଧିକ ଗବେଷଣା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ସେ କହିଛନ୍ତି ଏହିସବୁ କ୍ଷେତ୍ରଗୁଡ଼ିକ ବିକଶିତ ହୋଇପାରିଲେ ଦେଶରେ କୃଷିକ୍ଷେତ୍ରର ସଫଳତା ଶୀର୍ଷରେ ପହଞ୍ଚିପାରିବ ।

**V/O**

# ଏସ୍‌ସି-ଓ୍ୱାକ୍‌ଫ ସମୀକ୍ଷା

ସୁପ୍ରିମକୋର୍ଟ ଆଜି ୨୦୨୫ର ଓ୍ୱାକ୍‌ଫ ସଂଶୋଧନ ଉପରେ ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଆଗତ ଆବେଦନର ଶୁଣାଣି କରିବେ । ସର୍ବୋଚ୍ଚ ଅଦାଲତ ୩ଟି ପ୍ରମୁଖ ପ୍ରସଙ୍ଗରେ ଅସ୍ଥାୟୀ ନିର୍ଦ୍ଦେଶାବଳୀ ଉପରେ ବିଚାର କରିବେ ବୋଲି ଆଶା କରାଯାଉଛି, ଯେଉଁଥିରେ ଅଦାଲତଙ୍କ ଦ୍ୱାରା ଓ୍ୱାକ୍‌ଫ, ବ୍ୟବହାର ପାଇଁ ଓ୍ୱାକ୍‌ଫ ଏବଂ ଓ୍ୱାକ୍‌ଫ ଫର ଏକ୍‌ଜିକ୍ୟୁଟର ଭାବରେ ଘୋଷିତ ସମ୍ପତ୍ତି ପ୍ରକାଶ କରିବାର କ୍ଷମତା ଅନ୍ତର୍ଭୁକ୍ତ ରହିଛି ।

ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ବି.ଆର୍.ଗଭାଇ ଏବଂ ବିଚାରପତି ଅଗଷ୍ଟିନ୍ ଜର୍ଜ୍ ମାସିଙ୍କୁ ନେଇ ଗଠିତ ଖଣ୍ଡପୀଠ ପୂର୍ବରୁ ଏହି ମାମଲାର ଶୁଣାଣିକୁ ମେ' ୨୦ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିଥିଲେ । ଗତ ଶୁଣାଣିରେ ପ୍ରଧାନ ବିଚାରପତି ସ୍ପଷ୍ଟ କରିଥିଲେ ଯେ ୧୯୯୫ର ମୂଳ ଆଇନ୍ ୱାକ୍‌ଫରେ ଥିବା ଆପତ୍ତିଗୁଡ଼ିକୁ ଗ୍ରହଣ କରିବ ନାହିଁ ।

## ରିଟ୍ରିଟ୍ ସେରିମନି

ଆଜିଠାରୁ ପଞ୍ଜାବ ସୀମାରେ ଥିବା ୩ଟି ମିଳିତ ନିୟନ୍ତ୍ରଣ ସ୍ଥାନରେ ପ୍ରତ୍ୟାହାର ସମାରୋହ ପୁଣି ଆରମ୍ଭ କରାଯିବାକୁ ସୀମା ସୁରକ୍ଷା ବାହିନୀ-ବିଏସ୍‌ଏଫ୍ ଘୋଷଣା କରିଛି । ବିଏସ୍‌ଏଫ୍‌ର ସୂଚନା ଅନୁଯାୟୀ ଏହି ସମାରୋହ ଆଜି କେବଳ ଗଣମାଧ୍ୟମ ପାଇଁ ଖୋଲା ରହିବ ଏବଂ ଆସନ୍ତାକାଲିଠାରୁ ସାଧାରଣ ଜନତାଙ୍କ ପାଇଁ ପୁଣି ଆରମ୍ଭ ହେବ ।

ଅଟାରୀ, ହୁସେନିୱାଲା ଏବଂ ସାଦ୍‌କିରେ ପ୍ରତ୍ୟାବର୍ତ୍ତନ ସମାରୋହ ଗତ ୮ ତାରିଖରେ ସ୍ଥଗିତ ରଖାଯାଇଥିଲା। ପାକିସ୍ତାନ ଏବଂ ପାକ୍ ଅଧୀକୃତ କାଶ୍ମୀରରେ ଆତଙ୍କବାଦୀ ଭିତ୍ତିଭୂମି ଉପରେ ଭାରତ ନିର୍ଦ୍ଦେଶିତ ଅପରେସନ ସିନ୍ଦୂର ଅଭିଯାନର ଗୋଟିଏ ଦିନ ପରେ ଏହି ସମାରୋହକୁ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ତେବେ ସୀମା ସୁରକ୍ଷା ବଳ କହିଛି ଯେ ଭାରତ ପାର୍ଶ୍ୱରେ ଦୁଇଦେଶ ମଧ୍ୟରେ ଫାଟକ ବନ୍ଦ ରହିବ । ସୂର୍ଯ୍ୟାସ୍ତ ସମୟରେ ଧ୍ୱଜାବତରଣ ପରେ ଭାରତୀୟ ଗାର୍ଡ କମାଣ୍ଡର ଏବଂ

ପାକିସ୍ତାନ ରେଞ୍ଜର୍ସର ତାଙ୍କ ପ୍ରତିପକ୍ଷଙ୍କ ମଧ୍ୟରେ କୌଣସି ଆନୁଷ୍ଠାନିକ କରମର୍ଦ୍ଦନ ହେବନାହିଁ । ଏଥିସହିତ ସୀମା ଉପତ୍ୟକାର ଅନ୍ୟ ପାର୍ଶ୍ୱରେ କୃଷକମାନେ କିଛି ସର୍ତ୍ତରେ ସେମାନଙ୍କ ଜମିରେ ଚାଷ କରିପାରିବେ ବୋଲି ବିଏସ୍ଏଫ୍ ପକ୍ଷରୁ କୁହାଯାଇଛି ।

## ଇଣ୍ଡିଆ ଡବ୍ଲ୍ୟୁଏଚ୍ଓ ଟ୍ରାକୋମା

ଜେନେଭାରେ ୭୮ତମ ବିଶ୍ୱ ସ୍ୱାସ୍ଥ୍ୟ ସଭାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ-ଡବ୍ଲ୍ୟୁଏଚ୍ଓ ଦ୍ୱାରା ଭାରତକୁ ଏକ ଜନସ୍ୱାସ୍ଥ୍ୟ ସମସ୍ୟା ଭାବରେ ଟ୍ରାକୋମା ବିଲୋପ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଏହି ସ୍ୱୀକୃତି ହେଉଛି ରୋଗ ନିରାକରଣ, ପ୍ରତିଷେଧକ ସ୍ୱାସ୍ଥ୍ୟସେବା ଏବଂ ସମସ୍ତଙ୍କ ପାଇଁ ନିଶ୍ଚିତ ସ୍ୱାସ୍ଥ୍ୟ ପ୍ରତିବଦ୍ଧତାରେ ଭାରତର ନିରନ୍ତର ପ୍ରୟାସର ପ୍ରମାଣ ।

ଗତବର୍ଷ ଅକ୍ଟୋବର ୮ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଘୋଷଣା କରିଥିଲା ଯେ ଭାରତ ସରକାର ଏକ ଜନସ୍ୱାସ୍ଥ୍ୟ ସମସ୍ୟା ଭାବରେ ଟ୍ରାକୋମାକୁ ବିଲୋପ କରିଛନ୍ତି । ଭାରତ ଏହି ଜନସ୍ୱାସ୍ଥ୍ୟ ଆଘାତ ପାଇବାରେ ଦକ୍ଷିଣପୂର୍ବ ଏସୀୟ ଅଞ୍ଚଳର ତୃତୀୟ ଦେଶ । ଜାତୀୟ ଦୃଷ୍ଟିହୀନତା ଏବଂ ଦୃଷ୍ଟିଗତ ଅକ୍ଷମତା ନିୟନ୍ତ୍ରଣ କାର୍ଯ୍ୟକ୍ରମ-NPCBVI ଅଧୀନରେ ସରକାର ଟ୍ରାକୋମା ଦୂର କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି ।

୨୦୧୯ ମସିହାରୁ ଜାତୀୟ କାର୍ଯ୍ୟକ୍ରମ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ଅଂଶୀଦାର ହୋଇଥିବା ଏକ ନିର୍ଦ୍ଦିଷ୍ଟ ଫର୍ମାଟ୍ ମାଧ୍ୟମରେ ଦେଶର ସମସ୍ତ

ଜିଲ୍ଲାରେ ମାମଲାର ରିପୋର୍ଟ ସଂଗ୍ରହ ମାଧ୍ୟମରେ ଟ୍ରାକୋମା ପାଇଁ ନିରନ୍ତର ତଦାରଖ ବ୍ୟବସ୍ଥା ବିକଶିତ ହୋଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆଦେଶ କ୍ରମେ ୨୦୨୧ରୁ ୨୦୨୪ ମଧ୍ୟରେ ଦେଶର ୨୦୦ଟି ଜିଲ୍ଲାରେ ଜାତୀୟ ଟ୍ରାକୋମାଟସ ଟ୍ରାଇକିଆସିସ୍ ସର୍ଭେ କରାଯାଇଥିଲା ।

## ମିଶ୍ରୀ-ଡେଲିଗେସନ

ବୈଦେଶିକ ସଚିବ ବିକ୍ରମ ମିଶ୍ରୀ ଆଜି ମିଳିତ ରାଜନୈତିକ ଦଳ ପ୍ରତିନିଧି ମଣ୍ଡଳୀର ସଦସ୍ୟମାନଙ୍କୁ ଅପରେସନ ସିନ୍ଦୂର ସମ୍ପର୍କରେ ସୂଚନା ଦେବେ । ଏହି ସୂଚନା ଆଧାରରେ ବିଦେଶ ଗସ୍ତ କରୁଥିବା ରାଜନୈତିକ ଦଳର ପ୍ରତିନିଧିମଣ୍ଡଳୀ ପାକିସ୍ତାନ ବିପକ୍ଷରେ ଭାରତର ଅପରେସନ ସିନ୍ଦୂର ସମ୍ପର୍କରେ ବ୍ୟାଖ୍ୟା କରିବେ । ପୂର୍ବରୁ ପାକିସ୍ତାନ ଦ୍ୱାରା ପ୍ରାୟୋଜିତ ଆତଙ୍କବାଦ କାର୍ଯ୍ୟକଳାପ ବିରୁଦ୍ଧରେ ଭାରତର ଦୃଢ଼ ଆଭିମୁଖ୍ୟ ଉପସ୍ଥାପନ କରିବା ପାଇଁ ସରକାର ବିଭିନ୍ନ ଦେଶକୁ ବହୁଦଳୀୟ ପ୍ରତିନିଧି ମଣ୍ଡଳ ପଠାଇବାକୁ ଘୋଷଣା କରିଥିଲେ ।

ସୂଚନାଯୋଗ୍ୟ ମିଳିତ ଜାତିସଂଘ ସୁରକ୍ଷା ପରିଷଦର ସଦସ୍ୟଙ୍କ ସମେତ ୭ଟି ପ୍ରତିନିଧି ଦଳ ପ୍ରମୁଖ ଅଂଶୀଦାର ଦେଶ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ସଂସଦର ଅଣଷଠୀ ଜଣ ସଦସ୍ୟଙ୍କୁ ନେଇ ଗଠିତ ଏହି ପ୍ରତିନିଧି ଦଳ ମୋଟ୍ ୩୨ଟି ଦେଶ ଗସ୍ତ କରିବେ । ଆସନ୍ତା ୨୩ତାରିଖରୁ ଏହି ଗସ୍ତ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ ।

କଂଗ୍ରେସ ସାଂସଦ ଶଶୀ ଥରୁରଙ୍କ ନେତୃତ୍ୱରେ ଗଠିତ ଏହି ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀରେ ବିଜେପି ସାଂସଦ ରବିଶଙ୍କର ପ୍ରସାଦ, ଜେଡିୟୁର ସଂଜୟ କୁମାର ଝା, ବିଜେପିର ବୈଜୟନ୍ତ ପଣ୍ଡା, ଡିଏମ୍‌କେର କାନିମୋଝି କରୁଣାନିଧି, ଏନ୍‌ସିପିର ସୁପ୍ରିୟା ସୁଲେ ଏବଂ ଶିବସେନାର ଶ୍ରୀକାନ୍ତ ଏକନାଥ ସିନ୍ଦେ ପ୍ରମୁଖ ଅଛନ୍ତି । ଏହି ପ୍ରତିନିଧି ମଣ୍ଡଳୀ ଆମେରିକା, ସାଉଦୀ ଆରବ, ବାହାରିନ୍, କୁଏତ୍, ଆଲ୍‌ଜେରିଆ, ବ୍ରିଟେନ୍, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଡେନ୍‌ମାର୍କ, ଗୁଆନା, ବ୍ରାଜିଲ, କଲମ୍ବିଆ, ଦକ୍ଷିଣ କୋରିଆ, ଜାପାନ ଏବଂ ସିଙ୍ଗାପୁର ଆଦି ଦେଶ ଗସ୍ତ କରି ଆତଙ୍କବାଦ ବିରୁଦ୍ଧରେ ଭାରତର ପ୍ରତିବଦ୍ଧତା ସମ୍ପର୍କରେ ଅବଗତ କରାଇବେ ।

## ସ୍ପେଶାଲ୍ ଫିଚର, ପରମବୀର ଚକ୍ର

ଆତଙ୍କବାଦ ବିରୁଦ୍ଧରେ ଅପରେସନ ସିନ୍ଦୂରର ସଫଳତା ପରେ ସାରା ଦେଶ ଭାରତୀୟ ସେନାର ବୀରତ୍ୱ ଏବଂ ସାହସ ପ୍ରତି ସମ୍ମାନ ପ୍ରଦର୍ଶନ କରୁଛି । ସଶସ୍ତ୍ର ବାହିନୀ ପ୍ରତି ସମ୍ମାନ ସ୍ୱରୂପ ଆକାଶବାଣୀ ସମାଚାର ପକ୍ଷରୁ ଏକ ବିଶେଷ ଫିଚର ଉପସ୍ଥାପନା କରାଯାଉଛି । ଏହି କ୍ରମରେ ଆଜି ପରମବୀର ଚକ୍ର ବିଜେତା ନାଏବ ସୁବେଦାର ବନ ସିଂହଙ୍କ ବିଷୟରେ ଆସନ୍ତୁ ଜାଣିବା ।

ଜାମ୍ମୁର ଅଧିବାସୀ ନାଏବ ସୁବେଦାର ବନ ସିଂହ ୧୯୬୯ ଜାନୁଆରୀ ମାସରେ ଅଷ୍ଟମ ଜାମ୍ମୁକାଶ୍ମୀର ଲାଇଟ୍ ଇନ୍‌ଫ୍ରାଣ୍ଟିରେ ଯୋଗ ଦେଇଥିଲେ । ୧୯୮୭ ମସିହା ଜୁନ୍ ମାସରେ ସେହି ଇନ୍‌ଫ୍ରାଣ୍ଟିକୁ ସିଆଚେନ୍ ଅଞ୍ଚଳରେ ମୁତୟନ କରାଯାଇଥିଲା । ସେହି ସମୟରେ ପାକିସ୍ତାନୀ ଅନୁପ୍ରବେଶକାରୀମାନେ ବହୁ ମାତ୍ରାରେ ସୀମାପାର କରି ଭାରତ ମଧ୍ୟକୁ ପ୍ରବେଶ କରୁଥିଲେ । ସେତେବେଳର ଆବଶ୍ୟକତା ଅନୁଯାୟୀ ଅନୁପ୍ରବେଶକାରୀ ମାନଙ୍କୁ କିଭଳି ଅଟକାଯାଇପାରିବ ତାହା ଚିନ୍ତାର ବିଷୟ ଥିଲା । ସେଥିଲାଗି ଏକ ସ୍ୱତନ୍ତ୍ର ଟାସ୍କଫୋର୍ସ ମଧ୍ୟ ଗଠିତ ହୋଇଥିଲା । ତେବେ ନାଏବ ସୁବେଦାର ବନ ସିଂହ ସେହି ସ୍ୱତନ୍ତ୍ର ଟାସ୍କଫୋର୍ସରେ ସ୍ୱତଃ ଯୋଗଦେବାଲାଗି ଇଚ୍ଛାପ୍ରକାଶ କରିଥିଲେ ।

ପାକିସ୍ତାନ ପକ୍ଷରୁ ପ୍ରାୟ ୬ହଜାର ୫୦୦ ମିଟର ଉଚ୍ଚ ସିଆଚେନ୍ ଅଞ୍ଚଳ ଦେଇ ପ୍ରବେଶ କରୁଥିବାରୁ ସେମାନଙ୍କ ମୁକାବିଲା କରିବା କାଠିକର ପାଠ ଥିଲା । ସମ୍ପୃକ୍ତ ସ୍ଥାନ କେବଳ ବରଫାବୃତ ହୋଇଥିବାରୁ ଏବଂ ତାପମାତ୍ରା ସହ୍ୟସୀମାଠାରୁ ବହୁତ୍ କମ୍ ଥିବାରୁ ଅନୁପ୍ରବେଶ ରୋକିବା ଏକପ୍ରକାର ଅସମ୍ଭବ କାର୍ଯ୍ୟ ଥିଲା । ୪୫୭ ମିଟର ଉଚ୍ଚରେ ଗୋଟିଏ ପଟୁ ନାଏବ ସୁବେଦାର ବନ ସିଂହ ନିଜର ଟିମ୍‌ର ଅନ୍ୟ ସଦସ୍ୟମାନଙ୍କୁ ନେଇ ସାହସର ସହିତ ମୁକାବିଲା କରିବାକୁ ବାହାରି ପଡିଥିଲେ । ଅନୁପ୍ରବେଶକାରୀଙ୍କ ମୁକାବିଲା କରିବା ପାଇଁ ଦଳପାଖରେ ଗ୍ରେନେଡ ଥିଲା । ସାହସର ସହିତ ନାଏବ ସୁବେଦାର ବନ ସିଂହ ଗ୍ରେନେଡ ନିକ୍ଷେପ କରି ଅନେକ

ଶତ୍ରୁଶିବିରକୁ ଧ୍ୱଂସ କରିଦେଇଥିଲେ । ପ୍ରତିକୂଳ ପରିସ୍ଥିତିରେ ନାଏବ ସୁବେଦାରଙ୍କ ଏଭଳି ସାହସିକ ପଦକ୍ଷେପ ଭାରତୀୟ ସେନା ପାଇଁ ଆଜି ମଧ୍ୟ ପ୍ରେରଣାର ଉତ୍ସ ହୋଇ ରହିଛି । ଏହି ଅଦମ୍ୟ ସାହସିକ ପ୍ରଦର୍ଶନ ପାଇଁ ତାଙ୍କୁ ପରମବୀର ଚକ୍ରରେ ସମ୍ମାନିତ କରାଯାଇଛି । ଦେଶ ନାଏବ ସୁବେଦାର ବନ ସିଂହଙ୍କୁ ସମ୍ମାନ ପ୍ରଦର୍ଶନ କରୁଛି । ସୂଚନା ଅନୁଯାୟୀ ବନ ସିଂହ ୨୦୦୦ ମସିହା ଅକ୍ଟୋବର ୩୧ ତାରିଖରେ ସମ୍ମାନଜନକ କ୍ୟାପ୍‌ଟେନ୍ ପଦବୀକୁ ଉନ୍ନୀତ ହୋଇ ଅବସର ଗ୍ରହଣ କରିଥିଲେ ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ର ଆଜି ଚେନ୍ନାଇ ସୁପରକିଙ୍ଗସ୍ ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହେବ । ଉଭୟ ଦଳ ପ୍ଲେଅଫ୍ ପର୍ଯ୍ୟାରୁ ବାଦ୍ ପଡିଛନ୍ତି । ଚେନ୍ନାଇ ୧୨ଟି ମ୍ୟାଚ୍‌ରୁ ୬ ପଏଣ୍ଟ ପାଇ ପଏଣ୍ଟ ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଥିବାବେଳେ ରାଜସ୍ଥାନ ରୟାଲ୍ସ ୧୩ ଟି ମ୍ୟାଚ୍‌ରୁ ୬ ପଏଣ୍ଟ ପାଇ ନବମ ସ୍ଥାନରେ ଅଛି । ଗୁଜୁରାଟ ଟାଇଟନ୍ସ ୧୮ ପଏଣ୍ଟ ସହ ପଏଣ୍ଟ ଟେବୁଲର ଶୀର୍ଷରେ ରହିଥିବାବେଳେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୧୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ଅଛି । ପଞ୍ଜାବ କିଙ୍ଗ୍‌ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ତୃତୀୟ ଏବଂ ଚତୁର୍ଥ ସ୍ଥାନରେ ଅଛନ୍ତି ।

ଗତକାଲି ଖେଳାଯାଇଥିବା ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍’ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍‌କୁ ୬ ଓ୍ୱିକେଟ୍‌ରେ ପରାସ୍ତ କରିଛି । ଏହି ପରାଜୟ ସହ ଲକ୍ଷ୍ନୌ ୧୨ଟି ମ୍ୟାଚ୍‌ରୁ ୧୦ ପଏଣ୍ଟ ହାସଲ କରି ତାଲିକାର ସପ୍ତମ ସ୍ଥାନରେ ରହିବା ସହ ପ୍ଲେଅଫ୍ ପର୍ଯ୍ୟାୟରୁ ବାଦ୍ ପଡ଼ିଛି ।